# ‘ପ୍ରାଚୀନରୁ ଆଧୁନିକ ସାହିତ୍ୟ ପର୍ଯ୍ୟନ୍ତ ଆଇନର ପରିଭାଷା ପ୍ରତିଫଳିତ’

## ଆଇନ ମହାବିଦ୍ୟାଳୟ ଓ କେନ୍ଦ୍ର ସାହିତ୍ୟ ଅକାଦେମୀର ଜାତୀୟ ସମ୍ମାନ ଉଦ୍‌ଯାପିତ



ରାଉରକେଲା,୪।୧୨(ଆ.ପ୍ର): ପ୍ରାଚୀନରୁ ଆଧୁନିକ ସାହିତ୍ୟ ପର୍ଯ୍ୟନ୍ତ ସବୁଠାରେ ଆଇନର ପରିଭାଷା ପ୍ରତିଫଳିତ ହୋଇରହିଛି ବୋଲି ରାଉରକେଲା ଆଇନ ମହାବିଦ୍ୟାଳୟ ଓ କେନ୍ଦ୍ର ସାହିତ୍ୟ ଅକାଦେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ‘ଓଡ଼ିଆ ସାହିତ୍ୟରେ ଆଇନ ଚର୍ଚ୍ଚା’ ସମ୍ମାନରେ ମତପ୍ରକାଶ ପାଇଛି । ଏହାର ଉଦଘାଟନ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ଏନଆଇଟିର ନିର୍ଦ୍ଦେଶକ ଡକ୍ଟର ସୀମାନ୍ତ ପାଣିଗ୍ରାହୀ କହିଲେ, ମାତୃଭାଷାର ଶିକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ମନରେ ଭାବ ଓ ଚିନ୍ତାର ବ୍ୟାପକତା ନଆସିଲେ ଭାଷାର ମୂଲ୍ୟ ରହିବ ନାହିଁ । ଆଇନପାଠକୁ ଓଡ଼ିଆ ଭାଷାରେ ଲେଖାଗଲେ ଏହା ସଂଖ୍ୟାଧିକଙ୍କ ପାଇଁ ଅଧିକ ବୋଧଗମ୍ୟ ହୋଇ ପାରିବ । ଓଡ଼ିଆରେ ନ୍ୟାୟ ପ୍ରଦାନ ସର୍ବୋତ୍କୃଷ୍ଟ ଓ ସର୍ବୋତ୍ତମ ହୋଇପାରିବ ବୋଲି ଶ୍ରୀ ପାଣିଗ୍ରାହୀ କହିଥିଲେ । ସାହିତ୍ୟ ଅକାଦେମୀ, ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ବିଜୟାନନ୍ଦ ସିଂହ ଏହି ସମ୍ମାନରେ ଅଧ୍ୟକ୍ଷତା କରି କହିଲେଯେ ଭାଷାକୁ ବ୍ୟକ୍ତ କରିବା ପାଇଁ ମାତୃଭାଷା ଅପରିହାର୍ଯ୍ୟ । ରାମାୟଣ, ମହାଭାରତ ପରି ଆମର ମହାନ ପ୍ରାଚୀନ ସାହିତ୍ୟରେ ଆଇନର କଥା ଉପଯୋଗ ହୋଇଛି । ନ୍ୟାୟର ଏକ ସାର୍ଥକ ରୂପକାର ହେଉଛି ସାହିତ୍ୟ । ଆଧୁନିକ ସାହିତ୍ୟରେ ଆଇନର ଛାପ ଦେଖିବାକୁ ମିଳିଛି । କେବଳ ଓଡ଼ିଆ ସାହିତ୍ୟ ନୁହେଁ, ବରଂ ସମଗ୍ର ଭାରତୀୟ ସାହିତ୍ୟରେ ଆଇନର ଏହି ପରିଭାଷା ପ୍ରତିଫଳିତ ହୋଇଛି । ଆଇନ ଏକ ଶୃଙ୍ଖଳିତ ବ୍ୟବସ୍ଥା । ଏହି ବ୍ୟବସ୍ଥାର ଅଭାବ ହେଲେ ଏକ ସୁସ୍ଥ ସମାଜର ପରିକଳ୍ପନା ଅସମ୍ଭବ ବୋଲି ଶ୍ରୀ ସିଂହ କହିଥିଲେ । ସମ୍ବଲପୁର ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟାନନ୍ଦ ବେହେରା ମୁଖ୍ୟ ଆଲୋଚକ ଭାବେ ଲିଖିତପ୍ରବନ୍ଧ ଉପସ୍ଥାପନ କରି ବ୍ୟାସକବି ଫକିର ମୋହନଙ୍କ ‘ଛମାଣ ଆଠଗୁଣ୍ଠ’ କାଳନ୍ଦୀଚରଣ ପାଣିଗ୍ରାହୀଙ୍କ ‘ଶିକାର’ ଆଦି କାଳଜୟୀ ସାହିତ୍ୟର ଉଦାହରଣ ଦେଇ ଓଡ଼ିଆ ସାହିତ୍ୟର ଗଳ୍ପ, କବିତା, ଉପନ୍ୟାସରେ ଥିବା ନ୍ୟାୟର ବିଭିନ୍ନ ପ୍ରସଙ୍ଗର ଅବତାରଣା କରିଥିଲେ ।

ଅଧ୍ୟକ୍ଷତା କରି ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ର ବେହେରା ଅତିଥିପରିଚୟ ପ୍ରଦାନ କରିବା ଅବସରରେ ସମାଜ, ସାହିତ୍ୟ ଓ ଆଇନ ପରସ୍ପର, ପରସ୍ପରର ପରିପୂରକ ବୋଲି କହିଥିଲେ । ସାହିତ୍ୟ ଅକାଦେମୀ, କଲିକତାର ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ବକ୍ତବ୍ୟ ରଖିଥିଲେ । ଅଧ୍ୟାପିକା ଡକ୍ଟର ସୀମାଦିକା ମହାନ୍ତି ଧନ୍ୟବାଦ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ ସାହିତ୍ୟିକ ଭୂପେନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅଧ୍ୟାପକ ରବୀନ୍ଦ୍ର କୁମାର ଦାସ ଗଳ୍ପ, କବିତା ଓ ସାହିତ୍ୟରେ ଆଇନ ଚର୍ଚ୍ଚା, ଅଧ୍ୟାପକ ନାଟ୍ୟକାର ଡକ୍ଟର ସଞ୍ଜୟ ହାତୀ ନାଟକରେ ଆଇନର ଚର୍ଚ୍ଚା ସମ୍ପର୍କରେ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ । ପ୍ରମୁଖ ଆଲୋଚକଭାବେ ଯୋଗଦେଇ ନାଟକ, ପ୍ରବନ୍ଧ, କବିତା ଓ ଗଳ୍ପରେ ଥିବା ନ୍ୟାୟର ଅବତାରଣା ସମ୍ପର୍କରେ ଆଲୋକପାତ କରିଥିଲେ । ତୃତୀୟ ଅଧିବେଶନରେ ଡକ୍ଟର ପ୍ରଭାତ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅଧ୍ୟାପକ କମଳ ମହନ୍ତ, ଅଧ୍ୟାପିକା ଡକ୍ଟର ସୁଚିତ୍ରା ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପିକା ଡକ୍ଟର ରୁକ୍ମିଣୀ ସାହୁ ନିଜର ଲେଖା ଉପସ୍ଥାପନ କରିଥିଲେ । ଏହି ଅବସରରେ ନିରଞ୍ଜନ ମେକାପଙ୍କ ପୁସ୍ତକ ‘ଜଗତ ଜନନୀ ଶାରଳା’ ଓ ଡକ୍ଟର ରୁକ୍ମିଣୀ ସାହୁଙ୍କ ପୁସ୍ତକ ‘ହେ ସାରଥୀ ରଥ ବାହିନିଅ’ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା ।

କାର୍ଯ୍ୟକ୍ରମରେ ଭାଗ ନେଇଥିବା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଆଲୋଚନାରେ ଭାଗନେଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ମହାବିଦ୍ୟାଳୟର ଛାତ୍ରୀ ସଙ୍ଗୀତା ଦାସ, ଲିପ୍‌ସା ରାଣୀ ନାୟକ, ସ୍ୱାଗତିକା ନାୟକ, ସୁଚିସ୍ମିତା ସାହୁ, ମାନସୀ ସା, ଅଞ୍ଜଳି ପ୍ରଧାନ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ଅଧ୍ୟାପିକା ପ୍ରଜ୍ଞା ପାରମିତା ପଣ୍ଡା, ଅଧ୍ୟାପକ ତନ୍ମୟରଞ୍ଜନ ପାଢ଼ୀ, ଡକ୍ଟର ଦିବ୍ୟେନ୍ଦୁ କୁମାର ପଣ୍ଡା, ଶିବପ୍ରସାଦ ପଡ଼େଇ, ବିଦ୍ୟାବତୀ ଦାସ, ସୌମ୍ୟରଞ୍ଜନ ମହାନ୍ତ, ଅମନ ରାଉ, ଅଞ୍ଜନ ପୁରଣ, ଅନୀତା କୁମାରୀ, ଅନୁପା ପାଣ୍ଡେ, ଲିପ୍‌ସା ପଟେଲ, ସୁସ୍ମିତା ଦ୍ୱିବେଦୀ, ସୁଜାତା ନାୟକ, ଦେବାଶିଷ ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ଅକ୍ଷୟ କୁମାର ଦାସ, ଅଜୟ ପାଣିଗ୍ରାହୀ, ନନ୍ଦକିଶୋର ମହନ୍ତ, ହୃଦୟରଞ୍ଜନ ମହନ୍ତ, ଆୟୁଷ୍ମାନ ସାହୁ, ଦେବକୀ କାଉଡ଼ିଆ, ରାମ ବଣିଆ ପ୍ରମୁଖ ସହଯୋଗ କରିଥିଲେ । ସହରର ସାହିତ୍ୟିକ, ଆଇନଜୀବୀ ଓ ବୁଦ୍ଧିଜୀବୀ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ଅଧ୍ୟକ୍ଷ ଶ୍ରୀ ବେହେରା ଓ ସାହିତ୍ୟ ଅକାଦେମୀ ପକ୍ଷରୁ ଶ୍ରୀ ସିଂହ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ ।



## ଓଡ଼ିଆ ସାହିତ୍ୟରେ ଆଇନ ଚର୍ଚ୍ଚା

# ରାଉରକେଲାରେ କେନ୍ଦ୍ର ସାହିତ୍ୟ ଅକାଦେମିର ଆଲୋଚନା ପର୍ବ




ରାଉରକେଲା,୪/୧୨(ଇମିସ): କେନ୍ଦ୍ର ସାହିତ୍ୟ ଅକାଦେମି ଓ ରାଉରକେଲା ଆଇନ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ 'ଓଡ଼ିଆ ସାହିତ୍ୟରେ ଆଇନ ଚର୍ଚ୍ଚା' ଆଲୋଚନାଚକ୍ର ନୟାବଜାର ସ୍ଥିତ ଆଇନ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ, ସାହିତ୍ୟ ଅକାଦେମିର ଆବାହକ ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରି କହିଲେ, କେନ୍ଦ୍ର ସାହିତ୍ୟ ଅକାଦେମି ସବୁବେଳେ ନୂଆ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିଛି । ୧୯୫୪ ମସିହାରୁ କେନ୍ଦ୍ର ସାହିତ୍ୟ ଅକାଦେମି ଆରମ୍ଭ ହୋଇଥିଲା। ପଣ୍ଡିତ ଜବାହରଲାଲ ନେହରୁ ଏହାର ପ୍ରଥମ ସଭାପତି ଥିଲେ। ବର୍ତ୍ତମାନ ୨୪ଟି ଭାଷାରେ ଜଣେ ଜଣେ ଆବାହକ ଅଛନ୍ତି। ଓଡ଼ିଆ ପାଇଁ ପ୍ରଥମେ ଆବାହକ ଥିଲେ ହରେକୃଷ୍ଣ ମହତାବ। ଏହି ପଦରେ ବିଭିନ୍ନ ସମୟରେ କାଳନ୍ଦୀଚରଣ ପାଣିଗ୍ରାହୀ, ଗୋପୀନାଥ ମହାନ୍ତି, ସୀତାକାନ୍ତ ମହାପାତ୍ର, ପ୍ରତିଭା ରାୟ, ବିଭୂତି ପଟ୍ଟନାୟକ, ଚନ୍ଦ୍ରଶେଖର ରଥ ଓ ଗୌରହରି ଦାସଙ୍କ ଭଳି ଲେଖକମାନେ ରହିଥିଲେ। ଓଡ଼ିଆ ସାହିତ୍ୟରେ ୨୦୦ରୁ ଉର୍ଦ୍ଧ୍ୱ ଗବେଷଣା ହୋଇଛି। ଜୀବନର କଥା ଯିଏ କୁହେ, ସେ ହେଉଛି ସାହିତ୍ୟ। ଅସଲ ସୁଖ କେବଳ ସାହିତ୍ୟରେ ଅଛି ।

ଉଦ୍‌ଘାଟକ ଭାବେ ଏନଆଇଟିର ନିର୍ଦ୍ଦେଶକ ଡ ସିମାଂଚଳ ପାଣିଗ୍ରାହି ଯୋଗଦେଇ କହିଲେ, ସାହିତ୍ୟ ଓ ଆଇନର ସଂଯୋଗ ମୂଳରୁ ଅଛି। ଆଇନର ଯଥାର୍ଥ ସକରାତ୍ମକ ଦୃଷ୍ଟିରୁ ସାହିତ୍ୟରେ ପ୍ରସାରିତ ହୋଇପାରିବ ଓ ସମାଜର ବହୁ ଉନ୍ନତି ହୋଇ ପାରିବ। ମୁଖ୍ୟ ବକ୍ତା ସମ୍ବଲପୁର ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟାନନ୍ଦ ବେହେରାଙ୍କ ମତରେ, ପିଲାଟିଏ ମା' ଗର୍ଭରୁ ଜନ୍ମ ନେଲାବେଳେ ଯେଉଁ ଶବ୍ଦ ବାହାରେ, ସେ ହେଉଛି ସାହିତ୍ୟ। ଗଣତନ୍ତ୍ର ଶାସନ ପ୍ରକ୍ରିୟାରେ ସମସ୍ତଙ୍କୁ ଆଇନ ଜାଣିବାକୁ ପଡ଼ିବ। ବର୍ଣ୍ଣବୋଧ ସାହିତ୍ୟରେ କିଭଳି ହଳଦୀ ବସନ୍ତକୁ ନ୍ୟାୟ ମିଳିଛି ଓ ବିଲୁଆନନାର ବିଚାର ସାହିତ୍ୟରେ ମଧ୍ୟ ଯଡ଼ିତ ହୋଇଛି। ସଭ୍ୟ ଜଗତରେ ରହିବାକୁ ହେଲେ ଆଇନ ଜାଣିବାକୁ ପଡ଼ିବ ବୋଲି ସେ କହିଥିଲେ।

ଏହି ଅବସରରେ କରିସ୍ମା ପ୍ରଧାନ ଓ କିରଣ ସିଂ ଗୁଜୁରାଟୀ ନୃତ୍ୟ ପରିବେଷଣ କରିଥିବାବେଳେ କୋଲକତା ସାହିତ୍ୟ ଅକାଦେମିର ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ, ରାଉରକେଲା ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ବେହେରା, ରବୀନ୍ଦ୍ର କୁମାର ଦାସ, ସଞ୍ଜୟ ହାତୀ, ଭୂପେନ ମହାପାତ୍ର, କମଳ ମାହୁନ୍ତ, ସୁଚିତ୍ରା ମହାନ୍ତି, ସୁମନ ଦତ୍ତ ଓ ପ୍ରଭାତ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଉରକେଲା ଆଇନ ମହାବିଦ୍ୟାଳୟର ପ୍ରାଧ୍ୟାପିକା ସଂପାଦିକା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୟାନନ୍ଦ ସିଂହ, ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ

**ସମ୍ବାଦ:** ଏଭଳି ବିଷୟରେ ଚର୍ଚ୍ଚା କରିବା ପାଇଁ କାହିଁକି ମନେକଲେ ?

**ଉତ୍ତର:** ସାହିତ୍ୟରେ ଆଇନର ଯଥେଷ୍ଟ ପ୍ରୟୋଗ ହୋଇଛି। ରାମାୟଣ, ମହାଭାରତଠାରୁ ଆରମ୍ଭ କରି 'ଛ ମାଣ ଆଠ ଗୁଣ୍ଠ' ଓ 'ମାଟିର ମଣିଷ' ସବୁଥିରେ ଆଇନର କଥା କୁହାଯାଇଛି। ତେବେ ଏହାର ଆଲୋଚନା ହେବା ସମଗ୍ର ଭାରତବର୍ଷରେ ନୂଆ। ବର୍ତ୍ତମାନ ସ୍ଥିତରେ ସାହିତ୍ୟକୁ ଯୁଗାଭିମୁଖୀ କରିବା ଓ ସମୟୋପଯୋଗୀ କରିବା ପାଇଁ ସାହିତ୍ୟ ଅକାଦେମି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

**ସମ୍ବାଦ:** ରାଉରକେଲାରେ ଏଭଳି କାର୍ଯ୍ୟକ୍ରମ କରିବା ପାଇଁ କାହିଁକି ମନବଳେଇଲେ ?

**ଉତ୍ତର:** ସାହିତ୍ୟ ହେଉଛି ଏକ ଅଲିଖିତ ଆଇନ। ସାହିତ୍ୟ ଆଇନର କଥା, ସତ୍ୟ କଥା ଓ ଧର୍ମନିରପେକ୍ଷ କଥା କହିଛି। ରାଉରକେଲା ଏକ ବହୁ ସଂସ୍କୃତି ଓ ଭାଷାର ମହାନ ସହର। ସେଥିଲାଗି ଏହି ଆଲୋଚନା ପାଇଁ ଏହି ସହରକୁ ମନୋନୀତ କରାଯାଇଛି।

## ଆଇନ ମହାବିଦ୍ୟାଳୟର ଆଲୋଚନାଚକ୍ର ଉଦ୍‌ଯାପିତ

# 'ଓଡ଼ିଆ ଭାଷାରେ ଆଇନ ଲେଖାଗଲେ ବୋଧଗମ୍ୟ ହେବ'

ରାଉରକେଲା, ୪।୧୨(ସମିସ)

ଆଇନ ଏକ ଶୃଙ୍ଖଳିତ ବ୍ୟବସ୍ଥା। ଆଇନ ନରହିଲେ ପୃଥିବୀ ଧ୍ୱଂସାଭିମୁଖୀ ହୋଇଯିବ। ତେବେ, ଓଡ଼ିଆ ଭାଷାରେ ଆଇନ ଲେଖାଗଲେ ଏହା ସୁଦୂରପ୍ରସାରୀ ହେବା ସହ ସମସ୍ତଙ୍କ ପାଇଁ ବୋଧଗମ୍ୟ ହୋଇପାରିବ ବୋଲି ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ରାଉରକେଲା ଆଇନ ମହାବିଦ୍ୟାଳୟ ଓ କେନ୍ଦ୍ର ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଆଲୋଚନାଚକ୍ର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ 'ଓଡ଼ିଆ ସାହିତ୍ୟରେ ଆଇନ ଚର୍ଚ୍ଚା' ସଂପର୍କରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଦେବେନ୍ଦ୍ରନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଆବାହକ ଡଃ ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରିଥିଲେ। ଏନ୍‌ଆଇଟିର ନିର୍ଦ୍ଦେଶକ ଡଃ ସାମାଞ୍ଜଳ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ ବିଜୟାନନ୍ଦ ବେହେରା ଭିତ୍ତିପ୍ରବନ୍ଧ ପାଠ କରିଥିଲେ। କଲିକତା ସାହିତ୍ୟ ଏକାଡେମୀର ଆଞ୍ଚଳିକ ସଚିବ ଦେବେନ୍ଦ୍ର ଦେବେଶ ସ୍ୱାଗତ ଭାଷଣ ରଖିଥିବା




ବେଳେ ବିଶିଷ୍ଟ ସମାଲୋଚକ ଡଃ ପ୍ରଦୀପ ପଣ୍ଡା ମଞ୍ଚାସୀନ ଥିଲେ। ରଞ୍ଜିତା ମାଝୀ ସଂଯୋଜନା କରିଥିଲା ବେଳେ ଅଧ୍ୟାପିକା ଡଃ ସମ୍ପାଦିକା ମହାନ୍ତି ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ଭୂପେନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଶାନ୍ତି ନିକେତନର ପ୍ରାଧ୍ୟାପକ ରବୀନ୍ଦ୍ର ଦାସ ଗଳ୍ପ, କବିତା, ସାହିତ୍ୟରେ ଆଇନ ଚର୍ଚ୍ଚା କରିଥିଲେ। ଡିଏଭି ସରକାରୀ ମହିଳା ମହାବିଦ୍ୟାଳୟର ନାଟ୍ୟକାର ଅଧ୍ୟାପକ ଡଃ ସଂଜୟ ହାତୀ ନାଟକରେ ଆଇନ ଚର୍ଚ୍ଚା ସଂପର୍କରେ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ। ତୃତୀୟ ଅଧିବେଶନରେ ଡଃ ପ୍ରଭାତ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ନୀଳଶୈଳ ମହାବିଦ୍ୟାଳୟର ଅଧ୍ୟାପକ କମଳ ମହନ୍ତ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ଡଃ ସୁଚିତ୍ରା ମହାନ୍ତି ଓ ଅବସରପ୍ରାପ୍ତ ପ୍ରଫେସର ଡଃ ରୁକ୍ମଣୀ ସାହୁ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ସଂଗୀତା ଦାଶ, ସ୍ୱାଗତିକା ନାୟକ, ଲିପ୍ସାରାଣୀ ପୃଷେଠ, ସୁଚିତ୍ରା ସାହୁ, ଅଞ୍ଜଳ ପ୍ରଧାନ, ମାନସୀ ପ୍ରମୁଖ ସ୍ୱାଗତ ସଂଗୀତ ଗାନ କରିଥିଲେ। କରିସ୍ମା ପ୍ରଧାନ ଓ କିରଣ ସିଂହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଡଃ ରୁକ୍ମଣୀ ସାହୁଙ୍କ ପୁସ୍ତକ 'ହେ ସାରଥୀ ରଥ ବାହିନିଅ' ଓ ନିରଞ୍ଜନ ମେକାପଙ୍କ 'ଜଗତଜନନୀ ଶାରଳା' ପୁସ୍ତକକୁ ଅତିଥିଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା। ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓ ଆଲୋଚନାରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଶିବଶ୍ରୀ ପ୍ରସାଦ ଘଡେଇ, ବିଦ୍ୟାବତୀ ବାଘ, ସୌମ୍ୟରଂଜନ ମହାକୁଡ, ଅମନ ରାୟ, ଅଞ୍ଜନ ପୁରଣ, ଅନୀତା କୁମାରୀ, ଅନୁପା ପାଣ୍ଡେ, କୁଳଭୂଷଣ, ଲିପ୍ସା ପଟେଲ, ସୁସ୍ମିତା ଦ୍ୱିବେଦୀ, ସୀମା ଓ ମହାବିଦ୍ୟାଳୟର ଅଧ୍ୟାପିକା ପ୍ରଜ୍ଞା ପାରମିତା ପଣ୍ଡା, ଅଧ୍ୟାପକ ଚନ୍ଦ୍ରଧରାଜ ପାଢ଼ୀ, ଡଃ ଦିବ୍ୟେନ୍ଦୁ କୁମାର ପଣ୍ଡା, ସୁଜାତା ନାୟକ, ଦେବାଶିଷ ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ଅକ୍ଷୟ ଦାସ, ଅଜୟ ପାଣିଗ୍ରାହୀ, ନନ୍ଦ କିଶୋର ମହନ୍ତ, ହୃଦୟ ରଂଜନ ମହନ୍ତ, ଆୟୁଷ୍ମାନ ସାହୁ, ଦେବକୀ କାରୁଆ, ରାମ ବଣିଆ ସହଯୋଗ କରିଥିଲେ।

# ଆଇନ ମହାବିଦ୍ୟାଳୟ ଓ କେନ୍ଦ୍ର ସାହିତ୍ୟ ଏକାଡେମୀର ଦ୍ୱି-ଦିବସୀୟ କର୍ମଶାଳା

ରାଉରକେଲା(ପିପିଏସ): ସାହିତ୍ୟ ପ୍ରତି ପ୍ରତିବଦ୍ଧତା ରଖି ରାଉରକେଲା ଆଇନ ମହାବିଦ୍ୟାଳୟ ଓ କେନ୍ଦ୍ର ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଦ୍ୱି-ଦିବସୀୟ କାର୍ଯ୍ୟକ୍ରମ କଲେଜ ପରିସରରେ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଦେବେନ୍ଦ୍ର ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ସମାଲୋଚକ ଡଃ ପ୍ରଦୀପ୍ତ କୁମାର ପଣ୍ଡା ଓ ସାହିତ୍ୟ ଏକାଡେମୀର ଆବାହକ ବିଶିଷ୍ଟ ସାହିତ୍ୟିକ ଡଃ ବିଜୟାନନ୍ଦ ସିଂହ ଯୋଗଦେଇ ଗଣକବି ବୈଷ୍ଣବ ପାଣିଙ୍କ ଚୟନିକା ଉପରେ ଆଲୋଚନା କରିଥିଲେ । ପ୍ରଥମ ଦିନରେ ପୁସ୍ତକ ଚର୍ଚ୍ଚା ଆଲୋଚନାଚକ୍ର ରେ ଭାଗନେଇ ବିଶିଷ୍ଟ ସାହିତ୍ୟିକ ଡଃ ପଣ୍ଡା ସମୀକ୍ଷା କରି କହିଲେ ଯେ ଗଣକବି ବୈଷ୍ଣବ ପାଣି ଓଡିଆ ସାହିତ୍ୟର ଲୋକପ୍ରିୟ କବି ।ତାଙ୍କ ରଚନାରେ ଲୋକ ଜୀବନର ଚିତ୍ର ଥିବାରୁ ତାହା ପାଠକୀୟ ଆଦୃତି ଲାଭ କରିଛି । ବାସ୍ତବରେ ବୈଷ୍ଣବ ପାଣି ଗଣ ଜୀବନର ସଫଳ ପ୍ରତିନିଧି । ଏହି ପୁସ୍ତକ ରଚନା ହେବା ଫଳରେ ପାଣି କବିଙ୍କର ଦୁଷ୍ପ୍ରାପ୍ୟ ରଚନା ସୁରକ୍ଷିତ ହୋଇପାରିଛି । ଅନ୍ୟତମ ଅତିଥି ଡଃ ସିଂହ କହିଲେ ଯେ ଗଣକବି ବୈଷ୍ଣବ ପାଣି ଜାତୀୟ ଜୀବନର ସାର୍ଥକ ରୂପକାର । ସେ ସାଧୀନତା ସଂଗ୍ରାମରେ ଅଂଶଗ୍ରହଣ ଗାନ୍ଧୀ ଚେତନା ବିଚାରର ଅନନ୍ୟ ଭୂମିକା ଗ୍ରହଣ କରିଥିଲେ । ସାହିତ୍ୟ ଏକାଡେମୀ ତରଫରୁ ଏହି କାର୍ଯ୍ୟକ୍ରମ ରେ ବେଟିଖାଇ ବେରିହାଙ୍କ ଦଳ ବିଶିଷ୍ଟ କଳାଶିଳ୍ପୀ ରବି ରତନ ସାହୁଙ୍କ ନିର୍ଦ୍ଦେଶନାରେ ଡାଲଖାଇ ନୃତ୍ୟ ପରିବେଷଣ କରିଥିଲେ । ପ୍ରାରମ୍ଭରେ ଅଧ୍ୟକ୍ଷ ଡଃ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କଲିକତା ସାହିତ୍ୟ ଏକାଡେମୀ ର ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ ସାଗତ ଅଭିଭାଷଣ ରଖିଥିଲେ । ପ୍ରାରମ୍ଭିକ ସୂଚନା ଅଧ୍ୟାପିକା ପ୍ରଜ୍ଞା ପରମିତା ପଣ୍ଡା ରଖିଥିବା ବେଳେ ଅଧ୍ୟାପିକା ଡଃ ସମ୍ପାଦିକା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସହରର ବହୁ ଲବ୍ଧପ୍ରତିଷ୍ଠିତ ସାହିତ୍ୟିକ, କବି, ଭାଷା ପ୍ରେମୀ ଉପସ୍ଥିତ ଥିଲେ ।

